

# ଶ୍ରୀମନ୍ଦିର ସମାଚାର

# SHREE JAGANNATH TEMPLE BULLETIN

ସେପ୍ଟେମ୍ବର-୨୦୧୯ (କନ୍ୟା ସଂକ୍ରାନ୍ତି) SEPTEMBER - 2019

## ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସୁରକ୍ଷା କରାଯିବ : ଶ୍ରୀମନ୍ଦିର ପରିଚାଳନା କମିଟି

ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ତା. ୬.୦୯.୧୯ରିଖରେ 'ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ' ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ନିମ୍ନଲିଖିତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଅଛି ।

**● ଗୋଟିଏ ତିଥିରେ ସାରା ବିଶ୍ୱରେ 'ରଥଯାତ୍ରା' ପାଳନ :**

ବୈଠକରେ ଅଦିନରେ ରଥଯାତ୍ରାକୁ ନେଇ ବ୍ୟାପକ ଆଲୋଚନା କରାଯାଇଥିଲା । ଶ୍ରୀକ୍ଷେତ୍ର ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର କ୍ଷେତ୍ର ।



ଏଠାରେ ପାଳିତ 'ରଥଯାତ୍ରା' ବିଶ୍ୱବିଦିତ । ଏଥିପାଇଁ ସ୍ୱତନ୍ତ୍ର ତିଥି, ନୀତି ଓ ପରମ୍ପରା ଧାର୍ଯ୍ୟ ହୋଇଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଦେଶ ବିଦେଶରେ ତିଥି ନଥାଇ ବି ଅଦିନରେ ରଥଯାତ୍ରା ପାଳନ କରାଯାଉଛି । ଏହା ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଓ ପରମ୍ପରା ପାଇଁ ଘୋର ଅପମାନ ବୋଲି ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ତେଣୁ ଏଥିରେ ପ୍ରତିବନ୍ଧକ ଲଗାଇବାକୁ କମିଟି ସଦସ୍ୟମାନେ ମତ ପ୍ରଦାନ କରିଥିଲେ । ଏ ଦିଗରେ ସଚେତନା ସୃଷ୍ଟି କରାଯିବା ସହିତ ତିଥି, ନୀତି, ପରମ୍ପରା ସଂପର୍କରେ ରାଜ୍ୟ ତଥା ଦେଶ ବିଦେଶରେ ଥିବା ଲୋକମାନେ କିପରି ଜାଣିପାରିବେ ଓ ରଥଯାତ୍ରା ମୂଳପୀଠ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେଉଥିବା ତିଥି ଅନୁଯାୟୀ କିପରି ପାଳନ କରିବେ, ତାହା ବିଭିନ୍ନ ଧାର୍ମିକ ଅନୁଷ୍ଠାନମାନଙ୍କୁ ଅବଗତ କରାଯିବା ସହିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରସ୍ତାବ ରାଜ୍ୟସରକାରଙ୍କ ନିକଟକୁ ପଠାଇବା ନିମନ୍ତେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

**● ଶ୍ରୀମନ୍ଦିର ସେବକମାନଙ୍କ ନିମନ୍ତେ ଆଦର୍ଶ ଗୁରୁକୁଳମ୍ ପ୍ରତିଷ୍ଠା ସମ୍ପର୍କେ :**

ସେବକ ପରିବାରର ପିଲାମାନଙ୍କ ନିମନ୍ତେ ଏକ 'ଆଦର୍ଶ ଗୁରୁକୁଳମ୍' ପ୍ରତିଷ୍ଠା ସମ୍ପର୍କେ ବିସ୍ତୃତ ଆଲୋଚନା କରାଯାଇଥିଲା । ୧୦ ରୁ ୧୨ ଏକର ଜମି ଉପରେ ଏହି ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଏହି ଗୁରୁକୁଳମ୍ ଢାଞ୍ଚା ଖୁବ୍ ଶୀଘ୍ର ପ୍ରସ୍ତୁତ କରାଯିବା ପାଇଁ ସମ୍ପୃକ୍ତ ସବ୍ କମିଟିରେ ସବିଶେଷ ଆଲୋଚନା ପୂର୍ବକ ସୁପାରିଶ ଆଗାମୀ ପରିଚାଳନା କମିଟିରେ ଉପସ୍ଥାପନା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

**● ସେବକ ପରିବାର ପିଲାମାନଙ୍କ ନିମନ୍ତେ ଛାତ୍ର ମେଧାବୃତ୍ତି କାର୍ଯ୍ୟକ୍ରମ ସଂକ୍ରାନ୍ତେ:**

ସେବକ ପରିବାରର ପିଲାମାନଙ୍କ ପାଇଁ ଛାତ୍ରବୃତ୍ତି, ମେଧାବୃତ୍ତି ସହ ଅନ୍ୟାନ୍ୟ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ । ଏହି ବୃତ୍ତି ଯୋଗୁ ସେବକ ପରିବାରର ଆଗ୍ରହୀ ମେଧାବୀ ଛାତ୍ର-ଛାତ୍ରୀମାନେ ଉପକୃତ ହୋଇପାରିବେ । ଅଧିକରୁ ଅଧିକ ପିଲା କିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପାଠ ପଢ଼ିପାରିବେ, ସେଥିପ୍ରତି ଦୃଷ୍ଟି ଦିଆଯିବ ।

**● ରାଜ୍ୟ ସରକାରଙ୍କ ୫ଟି ବିକାଶ ପ୍ରକଳ୍ପ କାର୍ଯ୍ୟକାରିତା ସଂପର୍କେ :**


ପୁରୀକୁ ଐତିହ୍ୟ ନଗରୀ ଭାବେ ଗଢ଼ି ତୋଳିବାକୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟାରମ୍ଭ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ୫ଟି ବିକାଶ ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି । ଯଥା- (୧) ରଥ ଦାଣ୍ଡ ପ୍ରକଳ୍ପ:- ଏହି ପ୍ରକଳ୍ପ ମାଧ୍ୟମରେ ବଡ଼ ଦାଣ୍ଡ ହେବ 'ହେରିଟେଜ୍ କରିଡ଼ର' । (୨) ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରକଳ୍ପ:- ଏହି ପ୍ରକଳ୍ପ ମାଧ୍ୟମରେ ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ କରାଯିବ । (୩) ଶ୍ରୀଜଗନ୍ନାଥବଲ୍ଲଭ ପ୍ରକଳ୍ପ :- ଏହା ମାଧ୍ୟମରେ ବଲ୍ଲଭରେ ଥିବା ପ୍ରମୋଦ ଉଦ୍ୟାନର ସମ୍ପୂର୍ଣ୍ଣ ବିକାଶ କରାଯିବ । (୪) ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପ୍ରକଳ୍ପ:- ଏହା ମାଧ୍ୟମରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ବ୍ୟାପକ ବିକାଶ କରାଯିବା ସହିତ ଶ୍ରୀଜଗନ୍ନାଥ ମନ୍ଦିର ଓ କଳିଙ୍ଗର ସ୍ଥାପତ୍ୟ ଶୈଳୀକୁ ଉପଯୋଗ କରି ସୌନ୍ଦର୍ଯ୍ୟକରଣ କରାଯିବାର ବ୍ୟାପକ ବ୍ୟବସ୍ଥା କରାଯିବ । (୫) ମଠବାଡ଼ି ସୁରକ୍ଷା ପ୍ରକଳ୍ପ :- ଏହି ପ୍ରକଳ୍ପ ବିଷୟରେ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା । ମଠ ବାଡ଼ି ସମ୍ପର୍କରେ ବୈଠକରେ ମୁଖ୍ୟ ପ୍ରଶାସକ ପ୍ରକାଶ କରିଥିଲେ ଯେ ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀମନ୍ଦିର ସହ ମଠବାଡ଼ି ଗୁଡ଼ିକର ଆଧ୍ୟାତ୍ମିକ ତଥା ପରମ୍ପରାଗତ ସମ୍ପର୍କ ରହିଛି । ସେଗୁଡ଼ିକୁ ବଜାୟ ରଖିବା ତଥା ତାହାକୁ ଆଗକୁ ନେବା ପାଇଁ ବୈଠକରେ 'ମଠ ଉନ୍ନୟନ ଉପ-ସମିତି' ଗଠନ କରାଗଲା । ସଂଶ୍ଳିଷ୍ଟ ସବୁପକ୍ଷଙ୍କ ସହ ଉକ୍ତ ଉପ-ସମିତି ବ୍ୟାପକ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା ।

**● ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମି ବିକ୍ରି ସମ୍ପର୍କେ :**

ବିଭିନ୍ନ ସ୍ଥାନରେ ଶ୍ରୀମନ୍ଦିରର ଅନେକ ଜମି ରହିଛି । ତାହାର ଜି.ଆଇ.ମ୍ୟାପିଙ୍ଗ୍ କରାଯାଉଛି । ଏହା ଦ୍ୱାରା କେଉଁଠି ମନ୍ଦିରର କେତେ ଜମି ରହିଛି ତାହା ଜଣାପଡ଼ିବ । ଶ୍ରୀମନ୍ଦିରର ଜମି ବିକ୍ରି ପାଇଁ ଥିବା 'ୟୁନିଫର୍ମ ପଲିସି' ଆଧାରରେ ଜମି ବିକ୍ରିର ବ୍ୟବସ୍ଥା କରାଯିବ । ଇ-ଆକ୍ସନ ମାଧ୍ୟମରେ ଜମିବିକ୍ରି ପ୍ରକ୍ରିୟା ଆରମ୍ଭ କରାଯାଇପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା ।

ଏତଦ୍‌ବ୍ୟତୀତ ଉକ୍ତ ବୈଠକରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇ ନିଷ୍ପତ୍ତିମାନ ଗ୍ରହଣ କରାଯାଇଥିଲା । ଉକ୍ତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ. କ୍ରିଷନ କୁମାର, ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡ଼ଃ. ଉମା ଶଙ୍କର ଦାଶଙ୍କ ସମେତ ଅନ୍ୟ ସଦସ୍ୟମାନେ ବୈଠକରେ ଅଂଶ ଗ୍ରହଣ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ଦାୟିତ୍ୱ ଗ୍ରହଣ କଲାପରେ ଡ଼ଃ. କ୍ରିଷନ କୁମାରଙ୍କ ଏହାଥିଲା ପ୍ରଥମ ପରିଚାଳନା କମିଟି ବୈଠକ ।

## ନୂତନ ମୁଖ୍ୟ ପ୍ରଶାସକଙ୍କ ଦାୟିତ୍ୱ ଗ୍ରହଣ



ଶ୍ରୀମନ୍ଦିରର ନୂତନ ମୁଖ୍ୟ ପ୍ରଶାସକ ଭାବରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ସଚିବ ଡ଼ଃ. କ୍ରିଷନ କୁମାର ତା. ୨୨.୦୮.୧୯ ରିଖ ଗୁରୁବାର ଦିନ ମଧ୍ୟାହ୍ନ ୧୨ ଘଟିକା ସମୟରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀ ଏବଂ କର୍ମଚାରୀ ମାନେ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ମୁଖ୍ୟ ପ୍ରଶାସକଙ୍କୁ ସ୍ୱାଗତ କରିଥିଲେ ।


# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣଜନ୍ମାଷ୍ଟମୀ :

ତା. ୨୩.୦୮.୧୯ ରିଖ ଶୁକ୍ରବାର ଦିନ ପବିତ୍ର ଜନ୍ମାଷ୍ଟମୀ ଅବସରରେ ସଂଧ୍ୟାଧୂପ ବେଶରେ ନୂଆ ବୋଇରାଣୀ ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ସଂଧ୍ୟାଧୂପ ସରିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ଭଣ୍ଡାର ଦୁଆର ଆଗରେ ପୋଛ ମରାଯାଇଥିଲା । ପରେ ପଞ୍ଚବର୍ଣ୍ଣ ମୁରୁଜରେ ଜଣେ ପୂଜାପଣ୍ଡା 'ସର୍ବତ୍ର ଭଦ୍ର ମଣ୍ଡଳ' ଲେଖିଥିଲେ । ଶୁଦ୍ଧସୁଆର ପୂଜା ଠା' କରନ୍ତେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ବାକ୍ୟ ବିନିମୟରେ ବରୁଣ ପୂଜା କରିଥିଲେ । ରୂପା ପଦ୍ମ ପାଖୁଡ଼ା, କୃଷ୍ଣ ଜନ୍ମପଟି ଏବଂ ସୁବର୍ଣ୍ଣ କୃଷ୍ଣ ପ୍ରତିମା ଭଦ୍ରମଣ୍ଡଳ ଉପରେ ରଖାଯାଇଥିଲା । ଦକ୍ଷିଣ ଘରୁ ମଦନମୋହନ ରତ୍ନ ସିଂହାସନକୁ ବିଜେ କରି ଆଜ୍ଞାମାଳ ପାଇ ଜନ୍ମ ଚକଡ଼ାରେ ବିଜେ କରିଥିଲେ । ଏଠାରେ ଗର୍ଭ ଉଦକ କର୍ମ, ଶୀତଳ ଭୋଗ ପରେ ଦୁଇଜଣ ମହାଜନ ସେବକ ଲୁଗା ଘୋଡ଼ାଇ ହୋଇ ଦେବକୀ ଓ ବସୁଦେବ ଭାବରେ ଶ୍ରୀକୃଷ୍ଣଙ୍କୁ ଜନ୍ମ କରାଇଥିଲେ । ଜନ୍ମନୀତି ଶେଷ ହେବା ପରେ ପ୍ରସାଦ ଲାଗି, ଦୁଧ ଲହୁଣୀ ଓ ଗାଣ୍ଠୁଷ ମସଲା ସମର୍ପଣ ପୂର୍ବକ ମଣୋହି ପରେ କର୍ପୂର ଆଳତି ହୋଇ ରୂପା ଥାଳିରେ ମଦନମୋହନ ବିଜେ କରି ବାହାରକୁ ଆସିଥିଲେ । ଜଣେ ସେବକ ଉଗ୍ରସେନ ଭାବରେ ଦଣ୍ଡପ୍ରଣାମ କରିଥିଲେ । ଏହି ସମୟରେ ବେହେରା ଖୁଣ୍ଟିଆ ଠାକୁରଙ୍କ ମସ୍ତକ ଉପରେ ସପ୍ତଫେଣା ବାସୁକୀଙ୍କୁ ଧରି ଚାଲିଥିଲେ । ମୁଦିରସ୍ତ ସେବକ ପ୍ରସାଦ ଲାଗି ଓ ବନ୍ଦାପନା କରିବା ପରେ ମଦନମୋହନ ନାଭିକଟା ମଣ୍ଡପ ଠାରେ ଖଟ ଶେଯ ଉପରେ ବିଜେ କରିଥିଲେ ଏବଂ ମହାଜନମାନେ ଦକ୍ଷିଣ ଘରୁ ରାମକୃଷ୍ଣଙ୍କୁ ଆଣି ଖଟ ଶେଯ ଉପରେ ବିଜେ କରାଇଥିଲେ । ଏହାପରେ ନାଭିଛେଦନ ହୋଇ ପଞ୍ଚାମୃତରେ ମହାସ୍ନାନ, ଶୀତଳଭୋଗ ମଣୋହି ଓ ବନ୍ଦାପନା ପରେ ମହାଜନମାନେ ଠାକୁରମାନଙ୍କୁ ହାତରେ ବିଜେ କରାଇ ଜଗମୋହନରେ ପ୍ରସ୍ତୁତ କରାଯାଇଥିବା ଦୋଳିରେ ବିଜେ କରାଇଥିଲେ । ଏଠାରେ ଶୀତଳଭୋଗ ଛାମୁଁକୁ ଆସିବା ପରେ ପ୍ରସାଦ ଲାଗି, ପୂଜା ଓ ମଣୋହି ହୋଇ ବନ୍ଦାପନା ସରିବା ପରେ ଭିତରେ ପାଣି ପଡ଼ି, ବଡ଼ସିଂହାର ଭୋଗ ଛେକ ଆସିବା ମାତ୍ରେ ରାମକୃଷ୍ଣ ରତ୍ନ ସିଂହାସନକୁ ଏବଂ ମଦନମୋହନ ଦକ୍ଷିଣ ଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ନନ୍ଦୋତ୍ସବ :

ତା. ୨୪.୦୮.୧୯ ରିଖ ଶନିବାର ଦିନ ନନ୍ଦୋତ୍ସବ ହେତୁ ମଙ୍ଗଳଆଳତି ବଢ଼ିଲା ପରେ ଶ୍ରୀମଦନମୋହନ, ରାମକୃଷ୍ଣ ଜଗମୋହନରେ ବନ୍ଧା ହୋଇଥିବା ଦୋଳିକୁ ବିଜେ ହେବା ପରେ ଅନ୍ୟାନ୍ୟ ଦୈନନ୍ଦିନ ନୀତି ହୋଇ ଭୋଗମଣ୍ଡପ



ନହୋଇ ଅଣସର ପିଣ୍ଡିଠାରେ ପାଣିପକା ଭୋଗ ସରିଥିଲା । ଏହାପରେ ମୈଲମ, ମହାସ୍ନାନ ବଢ଼ିଲା ପରେ ତିନି ବାଡ଼ରେ ସର୍ବାଙ୍ଗ ନୀତି ହୋଇଥିଲା ଏବଂ ଏହି ବେଶରେ ୬ ମୂର୍ତ୍ତି ଅଳଙ୍କାର ଲାଗି ହେବାସହ ମଝି ବାଡ଼ରେ ୧ଖଣ୍ଡ ଆଜ୍ଞାମାଳ ଲାଗି ହୋଇ ବେଶ ବଢ଼ିଥିଲା । ପରେ ପାଣିପଡ଼ି ମଝିବାଡ଼ ଓ ମହାପ୍ରଭୁଙ୍କ ବାଡ଼ରେ ଷଷ୍ଠି ମାର୍କଣ୍ଡୀପୂଜା ହୋଇଥିଲା । ପରେ ଘଣ୍ଟଛତା, କାହାଳୀ ପଟୁଆରରେ ମଧ୍ୟାହ୍ନ ଧୂପ ଛେକ ଆସିବାରେ ମୁଦିରସ୍ତ ପ୍ରସାଦ ଲାଗି କଲାପରେ ମଧ୍ୟାହ୍ନ ଧୂପ ପୂଜା ସମାପନ ହୋଇଥିଲା । ପାଣିପଡ଼ିଲା ପରେ ଉପରୋକ୍ତ ଦୁଇ ବାଡ଼ରେ ମଙ୍ଗଳାର୍ପଣ ହୋଇ ତିନି ବାଡ଼ରେ ବନ୍ଦାପନା ହୋଇଥିଲା । ପରେ ପତିମହାପାତ୍ର ଦୁର୍ଗାଦେବୀଙ୍କୁ ସିଂହାସନରେ ବିଜେ କରାଇବା ପରେ ଆଜ୍ଞାମାଳ ପାଇ ଜଗମୋହନ ଖଟୁଲିକୁ ବିଜେ ହୋଇଥିଲେ । ଏଠାରେ ମହାସ୍ନାନ, ଶୀତଳଭୋଗ ସରିବା ପରେ ସାତପାହାଚ ଡମ୍ବୁରୁକୁ ଦୁର୍ଗାଦେବୀ ବିଜେ ହୋଇଥିଲେ । ବିଜୁଳୀ କନ୍ୟାକୁ ମାରିବା ନିମନ୍ତେ ଏକ କାଠରେ ତିଆରି ବିଜୁଳି କନ୍ୟାଙ୍କୁ ଫୋପାଡ଼ିବାରେ ବନ୍ଦାପନା ହୋଇ ଦୁର୍ଗାଦେବୀ ଭଣ୍ଡାରକୁ ବାହୁଡ଼ା ବିଜେ ହେଲା ପରେ ରାମକୃଷ୍ଣ, ମଦନମୋହନ ଦୋଳିରୁ ଓହ୍ଲାଇ ମାଜଣା ହୋଇଥିଲେ ଏବଂ ବେଶ ହୋଇ ଲକ୍ଷ୍ମୀମନ୍ଦିର ଜଗମୋହନକୁ ବିଜେ ହେଲା ପରେ ନନ୍ଦ ମହାରାଜ (ଭିତରଛ ମହାପାତ୍ର) ସ୍ନାନମଣ୍ଡପରେ ବସିଥିବାରେ ତାଟଲେଙ୍କା ଖବର ଦେବା ପରେ ନନ୍ଦ ଆସି ଲକ୍ଷ୍ମୀ ମନ୍ଦିର ନିକଟରେ ଥିବା ଦୁହାଁଳିଆ ଗାଇଠାରୁ କ୍ଷୀର ଦୋହନ କରିଥିଲେ । ଏହାକୁ ସମର୍ପଣ କରିବା ପରେ ପ୍ରସାଦ ଲାଗି, ରାଶିକୋରା ଭୋଗ, ବନ୍ଦାପନା ବଢ଼ିଲା ପରେ ପୁଣି ଦୋଳିକୁ ବିଜେ କରିଥିଲେ । ପରେ ଦକ୍ଷିଣ ଘରକୁ ଉଭୟ ଠାକୁର ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ବନଭୋଜି ନୀତି ଓ ବେଶ:

ତା. ୨୫.୦୮.୧୯ ରିଖ ରବିବାର ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ରାମକୃଷ୍ଣ ଆଜ୍ଞାମାଳ ପାଇ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡ଼ଛତା ମଠ ସାମନାରେ ଥିବା କାଠ ସିଂହାସନ ଉପରେ ବିଜେ କରିଥିଲେ । ସେଠାରେ ଶବରୁଣୀ ବେଶରେ ଥିବା ଲୋକ 'ଗୁଆ କୋଳି ଓ ନଡ଼ିଆ' ମିଶାଇ ଉଚ୍ଚାରଣ କରିଥିଲେ, 'ପାଣିର ଫଳ ସିଙ୍ଗଡ଼ାର କୋଳି ଖାଇବ ଆସଏ ପୁଏ' । ଭିତରଛ ଉକ୍ତ କୋଳିକୁ ନେଇ ମଣୋହି କରି ବନ୍ଦାପନା କଲାପରେ ବାହୁଡ଼ା ବିଜେ ହୋଇଥିଲେ । ଭିତରେ ବନଭୋଜି ବେଶ ହୋଇଥିଲା । ଏକ ହସ୍ତରେ ଶିକା ଅନ୍ୟ ହସ୍ତରେ ବାଡ଼ି ସହିତ ଖୁଆପେଡ଼ାର ମାଳିପିନ୍ଧା ବେଶ ଅତ୍ୟନ୍ତ ମନୋହର ଥିଲା । ସଂଧ୍ୟାଧୂପ ସରିଲାପରେ ରାମକୃଷ୍ଣ ପୁନର୍ବାର ଜଗମୋହନ ଖଟକୁ ବିଜେ କରନ୍ତେ ବାଲି ସାହି ତରଫରୁ 'ବକାସୁର' ଓ ହରଚଣ୍ଡୀ ସାହି ତରଫରୁ 'ଅର୍ଘାସୁର' ବଧ ପ୍ରସ୍ତାବ ଆସିଥିଲା । ଜଗମୋହନରେ ବନ୍ଦାପନା, ଶୀତଳଭୋଗ ପରେ ଦିଅଁମାନେ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ କାଳୀୟଦଳନ ବେଶ :


ତା. ୨୬.୦୮.୧୯ ରିଖ ସୋମବାର ଦିନ ଏକାଦଶୀ ଦିନ ମଧ୍ୟାହ୍ନ ଧୂପ ସରିଲାପରେ ମଦନମୋହନ, ରାମକୃଷ୍ଣ ଆଜ୍ଞାମାଳ ପାଇ ପାଲିଙ୍କିରେ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ଲୋକନାଥ ରୋଡ଼ରେ ଥିବା ଲବଣୀଖିଆକୁ ବିଜେ କରିଥିଲେ । ସେଠାରେ ମହାଭୋଇ ଘରର ବୋହୂମାନେ ସର, ଲବଣୀ ଭୋଗ କରିବାସହ ବନ୍ଦାପନା କରିଥିଲେ । ସେଠାରୁ ଦିଅଁମାନେ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରିଥିଲେ । ସେଠାରେ 'କାଳୀୟ ଦଳନ ଲୀଳା' ପ୍ରସ୍ତାବ ଆଗତ ହୋଇଥିଲା । ଏହାପରେ ଶୀତଳଭୋଗ, ବନ୍ଦାପନା ହୋଇ ଦିଅଁମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ସଂଧ୍ୟାଧୂପ ବେଶରେ ମହାପ୍ରଭୁ ସପ୍ତଫେଣୀ ସର୍ପ ଉପରେ



ନୃତ୍ୟ ଭଙ୍ଗୀରେ ଦଣ୍ଡାୟମାନ ସହିତ ଦକ୍ଷିଣହସ୍ତରେ ବଂଶୀ ଓ ଉତ୍ତର ହସ୍ତରେ ସର୍ପର ଲାଙ୍ଗୁଡ଼କୁ ଧରିଥିଲେ । ସଂଧ୍ୟାଧୂପ ସରିଲା ପରେ ଜଗମୋହନକୁ ଦିଅଁମାନେ ବିଜେ କରିଥିଲେ । ସେଠାରେ କୁଣ୍ଢାଇବେଣ୍ଟ ସାହି ତରଫରୁ 'ଧେନୁକାସୁର ବଧ ପ୍ରସ୍ତାବ' ଆଗତ ହେବା ପରେ ଶୀତଳଭୋଗ, ବନ୍ଦାପନା ହୋଇ ଦିଅଁମାନେ ଦକ୍ଷିଣଘରକୁ ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ :

ତା. ୨.୦୯.୧୯ ରିଖ ସୋମବାର ଦିନ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ତିଥିରେ ସନ୍ଧ୍ୟାଧୂପ ସରିଲାପରେ ବଟଗଣେଶ ଓ କାଞ୍ଚିଗଣେଶଙ୍କ ନିକଟରେ ଶୀତଳଭୋଗ ଓ ବନ୍ଦାପନା ହେଲାପରେ ଭୁବନେଶ୍ୱରୀଙ୍କ ନିକଟରେ ଶୀତଳଭୋଗ ବନ୍ଦାପନା ହୋଇଥିଲା । ପରେ ମୁଳିଆ ସୁଆଁସିଆ ଦେଇଥିବା କାଠ ଭଦ୍ରାସନରେ ବେହେରଣ କରଣମାନଙ୍କ ମାଦଳାପାଞ୍ଜି ରଖାଯାଇ ପତନି ଓ ମାଳ ଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ହୋଇଥିଲା ଏବଂ ପରେ ୨୨ଟି ନଡ଼ିଆ କରଣମାନଙ୍କ ଦ୍ୱାରା ଭଙ୍ଗା ଯାଇଥିଲା ।



# ଫନି-ବାତ୍ୟା ପରେ ଶ୍ରୀମନ୍ଦିର ସ୍ଥିତାବସ୍ଥା ଫେରାଇ ଆଣିବାରେ ଶ୍ରୀମନ୍ଦିର ପ୍ରଶାସନର ଭୂମିକା

ଗତ ତା ୩.୫.୨୦୧୯ ଶୁକ୍ରବାର ଦିନ 'ଫନି' ବାତ୍ୟା ଶ୍ରୀକ୍ଷେତ୍ର ତଥା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା । ପବିତ୍ର ଶ୍ରୀମନ୍ଦିରରେ ମଧ୍ୟ ଏହାର ପ୍ରଭାବ ଅନୁଭୂତ ହେବା ସହିତ କିଛିଟା କ୍ଷତି ମଧ୍ୟ ପରିଲକ୍ଷିତ ହୋଇଥିଲା । ଉତ୍ସର୍ଗୀକୃତ ସେବକସମାଜ, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ତଥା ଏ.ଏସ୍. ଆଇ.ଙ୍କ (ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ) ମିଳିତ ଉଦ୍ୟମ ସ୍ଥିତାବସ୍ଥା ଫେରାଇ ଆଣିବାରେ ସହାୟକ ହୋଇଥିଲା, ଯଦ୍ୱାରା ଅଗଣିତ ଭକ୍ତମାନସରେ ସୃଷ୍ଟ ଶ୍ରୀମନ୍ଦିର ସ୍ଥିତି, ପରମ୍ପରା ବ୍ୟାହତ ଆଶଙ୍କା ଦୂର ହୋଇପାରିଥିଲା ।



ଶ୍ରୀମନ୍ଦିର ଭିତରେ 'ଫନି' ପ୍ରଭାବରେ ହୋଇଥିବା କ୍ଷୟକ୍ଷତି ଏ.ଏସ୍.ଆଇ. କର୍ତ୍ତୃପକ୍ଷଙ୍କ ଦ୍ୱାରା ପୁନରୁଦ୍ଧାର କରାଯାଇଥିଲା । ସେହି କାର୍ଯ୍ୟଗୁଡ଼ିକର ନାମତାଲିକା ଏବଂ ପୁନରୁଦ୍ଧାର କରାଯାଇଥିବା କାର୍ଯ୍ୟର ବିବରଣୀ ନିମ୍ନମତେ ଉଲ୍ଲେଖ କରାଗଲା ।

୧. ମୁଖ୍ୟ ମନ୍ଦିରର ବାହାର ପାର୍ଶ୍ୱରେ (ଦକ୍ଷିଣ ଦିଗରେ) ଥିବା ସିଂହମୂର୍ତ୍ତିର ମୁଣ୍ଡଟି ଭାଙ୍ଗି ତଳେ ପଡ଼ିଯାଇଥିଲା । ସେହି ମୁଣ୍ଡଟି ପୂର୍ବବତ୍ ପୁନଃ ସଂସ୍ଥାପନ କରାଗଲା ।

୨. ମୁଖ୍ୟ ମନ୍ଦିରର ପ୍ରତିକୃତି ମନ୍ଦିରଟିର କିଛି ଅଂଶ ନଷ୍ଟ ହୋଇଥିଲା- ପ୍ରତିକୃତି ମନ୍ଦିରଟି ପୂର୍ବବତ୍ ମରାମତି କରି ପୁନରୁଦ୍ଧାର କରାଯାଇଅଛି ।

୩. ସାକ୍ଷୀଗୋପାଳ ମନ୍ଦିର ଛାତର କିଛି ଅଂଶ କ୍ଷୟକ୍ଷତି ହୋଇଥିଲା- ଏହାର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଅଛି ।

୪. ଝୁଲଣ ମଣ୍ଡପ ଛାତର ପାରାପେଟ୍ କିଛିଟି ଆଂଶିକ ରୂପେ ନଷ୍ଟ ହୋଇଯାଇଥିଲା- ଏହାକୁ ମରାମତି କରି ପୂର୍ବବତ୍ ସମ୍ପୂର୍ଣ୍ଣ କରାଯାଇଅଛି ।

୫. ଭୋଗ ମଣ୍ଡପ ଛାତ ଉପରେ ଲାଗିଥିବା କଳସର ପିତ୍ତଳ ଚନ୍ଦର ବାତ୍ୟାର ତୀବ୍ର ପ୍ରଭାବରେ ଉଡ଼ି ଯାଇଥିଲା- ଏହାର ପୁନରୁଦ୍ଧାର କାର୍ଯ୍ୟ ପୂର୍ବବତ୍ ସମ୍ପୂର୍ଣ୍ଣ କରାଯାଇଅଛି ।

୬. ରତ୍ନଭଣ୍ଡାର, ଭୋଗମଣ୍ଡପ ଏବଂ ସିଂହଦ୍ୱାରର ବାହାର ପାଖ ଆଂଶିକ ଭାବେ ନଷ୍ଟ ହୋଇଯାଇଥିଲା- ଏହାର ପୁନରୁଦ୍ଧାର କାର୍ଯ୍ୟ ପୂର୍ବବତ୍ ସମ୍ପୂର୍ଣ୍ଣ କରାଯାଇଅଛି ।

୭. ଆନନ୍ଦବଜାରରେ ଥିବା ଗଛ ଉପୁଡ଼ି ଯିବାରୁ, ସେହି ଯାଗାରେ ପଥର ଚଟାଣର କିଛି ଯାଗା କ୍ଷୟକ୍ଷତି ହୋଇଥିଲା- ଏହାର ପୁନରୁଦ୍ଧାର କାର୍ଯ୍ୟ ପୂର୍ବବତ୍ ସମ୍ପୂର୍ଣ୍ଣ କରାଯାଇଅଛି ।

୮. ସିଂହଦ୍ୱାର ସାମନାରେ ଥିବା ସିମେଣ୍ଟ ନିର୍ମିତ ଜୟ ମୂର୍ତ୍ତିଟି ଭାଙ୍ଗି ତଳେ ପଡ଼ି ଯାଇଥିଲା- ଉଭୟ ଜୟବିଜୟ ମୂର୍ତ୍ତି ଦୁଇଟି ସିମେଣ୍ଟ ବଦଳରେ ପଥରରେ ତିଆରି କରାଯାଇଅଛି ।

୯. ଗୁଣ୍ଡିଚା ମନ୍ଦିରର ରୋଷ ଘର ଛାତ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ଏହାର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଅଛି ।

ରଥଯାତ୍ରାର ଗୁରୁତ୍ୱକୁ ଉପଲକ୍ଷ କରି ଉପରଲିଖିତ କାର୍ଯ୍ୟଗୁଡ଼ିକ ଶ୍ରୀମନ୍ଦିର ପ୍ରଶାସନ ଏବଂ ଏ.ଏସ୍.ଆଇ.ର ମିଳିତ ଉଦ୍ୟମରେ ଯୁଦ୍ଧକାଳୀନ ଭିତ୍ତରେ ଏବଂ ସଠିକ୍ ସମୟରେ ସମ୍ପାଦିତ ହୋଇପାରିଥିବାରୁ ସାଧାରଣ ଭକ୍ତ, ଜନସାଧାରଣ, ପରିଚାଳନା କମିଟି ସଦସ୍ୟମାନେ ସନ୍ତୋଷ ପ୍ରକାଶ କରିଛନ୍ତି ।

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ମଣିଦାସ

ପୁରୁଷୋତ୍ତମ କ୍ଷେତ୍ରରେ ମାଳାକାର କୁଳରେ ଜାତ ମଣିଦାସ ସପରିବାର ବାସ କରୁଥିଲେ । ଦୁର୍ଭାଗ୍ୟବଶତଃ ମଣିଦାସଙ୍କ ବ୍ୟତୀତ ପରିବାରର ସମସ୍ତ ସଦସ୍ୟ ପରଲୋକ ପ୍ରାପ୍ତ ହେଲେ । ମାୟା ସଂସାରର ଅସାରତାକୁ ଅନୁଭବ କରି ମଣିଦାସଙ୍କ ମନରେ ବୈରାଗ୍ୟ ଉଦୟ ହେଲା । ସେ ଜୀବର ଗତିମୁକ୍ତି ଦାତା ଶ୍ରୀଜଗନ୍ନାଥଙ୍କ ଠାରେ ନିଜକୁ ସମର୍ପିତ କରି ବୈଷ୍ଣବ ଦୀକ୍ଷା ଗ୍ରହଣ କଲେ । ନିଃସ୍ୱ ମଣିଦାସ ନଡ଼ିଆ ସଢ଼େଇ ଦିଫାଳକୁ କରତାଳ କରି ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନରେ ନିଜକୁ ହଜାଇଦେଲେ । ଅନେକ ଦଣ୍ଡବତ ହୋଇ ସିଂହଦ୍ୱାର ବାଟେ ପ୍ରବେଶ କରି ପ୍ରଥମେ ପତିତପାବନଙ୍କ ସମ୍ମୁଖରେ ନୃତ୍ୟ କଲା ଉତ୍ତାରୁ ଗରୁଡ଼ସ୍ତମ୍ଭ ପଛରୁ ମହାପ୍ରଭୁଙ୍କୁ ଦର୍ଶନ କରି ସାଷ୍ଟାଙ୍ଗ ଦଣ୍ଡବତ ପୂର୍ବକ ଜଗମୋହନରେ ସଂକୀର୍ତ୍ତନ କରି ନୃତ୍ୟ କରୁଥିଲେ । ଭକ୍ତ ଭାବରେ ଭାବିତ ହୋଇ ଉଚ୍ଚସ୍ୱରରେ ମହାପ୍ରଭୁଙ୍କ ନାମ ସଂକୀର୍ତ୍ତନ କରିବାରେ ସେ ପରମ ଆନନ୍ଦ ଲାଭ କରୁଥିଲେ । ଏକଦା ଶ୍ରୀମନ୍ଦିରର ପୁରାଣ ପଣ୍ଡା ବିଷ୍ଣୁପୁରାଣ ପାଠ କଲା ସମୟରେ ମଣିଦାସ ସଢ଼େଇ ବଜାଇ ଶ୍ରୀ ଦାରୁବ୍ରହ୍ମଙ୍କ ଠାରେ ମନୋନିବେଶ କରି ନିର୍ଭୟରେ ଉଚ୍ଚ ସ୍ୱରରେ ନାମ କୀର୍ତ୍ତନ କରି ଉଦ୍ଦଣ୍ଡ ନୃତ୍ୟ କଲେ । ଏହା ଦେଖି ପୁରାଣ ପଣ୍ଡା ରାଗରେ ନିଆଁ ବାଣ ହୋଇ ମଣିଦାସଙ୍କୁ ବହୁ ଭର୍ତ୍ସନା କରି କହୁଣିଆ ଦେଇ ସେଠାରୁ ତଡ଼ିଦେଲେ । ଅତ୍ୟନ୍ତ ଶୋକାତୁର ହୋଇ କାନ୍ଦି କାନ୍ଦି ମଣିଦାସେ କାଳିଆ ସାଆନ୍ତଙ୍କୁ କହିଲେ- 'ହେ ଶରଣ ରକ୍ଷଣ ମହାବାହୁ ! ମୁଁ ତ ଆପଣଙ୍କ ଶରଣାଗତ । ଆପଣଙ୍କ ପରି ମହାବାହୁ ଥାଉ ଥାଉ ଆପଣଙ୍କ ସେବକ ମୋତେ ଏତେ ଦଣ୍ଡ ଦେଲା । ଏଥିରୁ ଆପଣଙ୍କ ପ୍ରଭୁପଣ ଜଣାପଡ଼ିଲା ।' ଏତକ କହି ସେ ରାଗରେ ସଢ଼େଇ ଦୁଇଟିକୁ ଜଗମୋହନରେ ଫିଙ୍ଗି ଦେଇ ଅଭିମାନରେ ସେଠାରୁ ନିଜ ଘରକୁ ଚାଲିଗଲେ । ସେଠାରେ ସେ ମହାପ୍ରଭୁଙ୍କ ଠାରେ ମନୋନିବେଶ କରି ଉପବାସ ରାତି କଟାଇଲେ । ଏଣେ ସେବକ ଶ୍ରୀମନ୍ଦିରରେ ପ୍ରଭୁଙ୍କ ପହୁଡ଼ ସାରି କବାଟ କିଳି ଚାଲିଗଲେ । ଭକ୍ତ ବତ୍ସଳ ମହାପ୍ରଭୁ ଭକ୍ତର ଦୁଃଖରେ ଅଥୟ ହୋଇ ଭୋଜନ ଗ୍ରହଣ କଲେ ନାହିଁ । ରାତ୍ରିରେ ପ୍ରଭୁ ଗଜପତି ମହାରାଜାଙ୍କୁ ସ୍ୱପ୍ନରେ ପୁରାଣପଣ୍ଡାଙ୍କର ପରମଭକ୍ତ ମଣିଦାସ ପ୍ରତି କଠୋର ବ୍ୟବହାର ବିଷୟ କହିଲେ । ପୁନଃ ମହାପ୍ରଭୁ ଜଗମୋହନରେ ମଣିଦାସଙ୍କ ଗୀତ ନୃତ୍ୟ ବିନା ଉପବାସ ରହିବେ ବୋଲି କହିଲେ । ଯଥାଶୀଘ୍ର ଯାଇ ଭକ୍ତକୁ ଆଦର ପୂର୍ବକ ଜଗମୋହନରେ ଗୀତ ନୃତ୍ୟ କରିବା ନିମିତ୍ତ ଅନୁରୋଧ କରିବା ପାଇଁ ଗଜପତିଙ୍କୁ ଆଜ୍ଞା ଦେଲେ । ପୁରାଣପଣ୍ଡାଙ୍କୁ ଲକ୍ଷ୍ମୀଙ୍କ ଜଗମୋହନରେ ପୁରାଣ ପାଠ କରିବା ପାଇଁ ଆଦେଶ ହେଲା । ଏହାପରେ ଭାବଗ୍ରାହୀ ଯାଇ ମଣିଦାସଙ୍କ ପାଖକୁ ବିଜେ କଲେ । ତାଙ୍କୁ ଭୋଜନ କରିବାକୁ କହିଲେ । ଆସନ୍ତା କାଲି ଠାରୁ ଶ୍ରୀମନ୍ଦିରରେ ତାଙ୍କର କୀର୍ତ୍ତନ ନର୍ତ୍ତନ ହେବ ବୋଲି ଆଶ୍ୱାସନା ଦେଲେ । ଏତକ ସାରି ମହାପ୍ରଭୁ ଶ୍ରୀମନ୍ଦିରରେ ପ୍ରବେଶ କଲେ । ଶ୍ରୀଜଗନ୍ନାଥଙ୍କ କରୁଣାରେ ଭକ୍ତ ନିଜ ଜୀବନକୁ ଧନ୍ୟ ମନେ କଲେ । ଗଜପତି ଶ୍ରୀମନ୍ଦିରରେ ମଣିଦାସଙ୍କ ମୁଣ୍ଡରେ ଖଣ୍ଡୁଆ ବାନ୍ଧି ତାଙ୍କୁ ସଢ଼େଇ ତାଳ ଧରି ଆନନ୍ଦରେ କୀର୍ତ୍ତନ ନୃତ୍ୟ କରି ମହାପ୍ରଭୁଙ୍କ ସନ୍ତୋଷବିଧାନ କରିବାକୁ ଅନୁରୋଧ କଲେ । ଅନନ୍ୟ ଭକ୍ତ ମଣିଦାସଙ୍କ ଭାବଭକ୍ତିପୂର୍ଣ୍ଣ ଭଜନ କୀର୍ତ୍ତନ ନୃତ୍ୟ ଆଗରେ ପୁରାଣପଣ୍ଡାଙ୍କ ପାରାୟଣ ତୁଚ୍ଛ ହେଲା ।

*ଡ଼ଃ. ଶ୍ରୀନିବାସ ଆଚାର୍ଯ୍ୟ*
*ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

*ପୂର୍ବ ପ୍ରକାଶିତ ଉତ୍ତାରୁ...*

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## ଦ୍ୱାଦଶ ଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀ : (୧୭)

### ଭାଦ୍ରବ ଶୁକ୍ଳ ଏକାଦଶୀ :- (୧୮) ପାର୍ଶ୍ୱ ପରିବର୍ତ୍ତନ

ଏହି ଦିନ ସକାଳଧୂପ ଓ ଭୋଗମଣ୍ଡପ ପରେ ତିନି ବାଡ଼ରେ ମହାସ୍ନାନ ବଢ଼ିବ । ମଇଲମରେ ନୂଆଲୁଗା ଲାଗି ହୋଇ ଘଟୁଆରି ଘରଠାରୁ ପଣ୍ଡା, ପତି ଓ ମୁଦିରସ୍ତେ ତିନିଗୋଟା ରୂପା ପିଙ୍ଗଣରେ ଚନ୍ଦନବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରାନ୍ତି । ତାପରେ ଦ୍ୱିପ୍ରହର ଧୂପ ହୋଇ ସନ୍ଧ୍ୟାଆଳତି ବଢ଼ି ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କଲାପରେ ଭଣ୍ଡାର ଦୁଆରଠାରୁ ପଣ୍ଡା, ପତି, ମୁଦିରସ୍ତ ଚନ୍ଦନବିଜେ କରାଇ ନେଇ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାନ୍ତି । ପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେଲା ଉତ୍ତାରେ ମଦନମୋହନଙ୍କୁ ହାତରେ ଆଣି ବଟତଳେ ଥିବା ପାଲିଙ୍କିରେ ବିଜେ କରାନ୍ତି । ଏହାପରେ ବିମାନବଡୁମାନେ ପାଲିଙ୍କି ନେଇ ବଡ଼ଦେଉଳକୁ ବେଢ଼ାଏ ବୁଲି ବଟମୂଳେ ପାଲିଙ୍କି ରଖନ୍ତି ଓ ଜୟବିଜୟ ଦ୍ୱାରଠାରେ ଏକାଦଶୀ ଭୋଗ ବନ୍ଦାପନା ହୋଇ ଦକ୍ଷିଣି ଘରକୁ ବିଜେ କରନ୍ତି । ସନ୍ଧ୍ୟାଧୂପ ବଢ଼ିବା ଉତ୍ତାରେ ଦେଉଳ ପୁରୋହିତ ଅନନ୍ତ-ପୁରୁଷୋତ୍ତମ ମନ୍ଦିର ଭିତରେ ପବିତ୍ରା-ଆଦିବାସ ନିମନ୍ତେ ଆଚାର୍ଯ୍ୟ ବ୍ରହ୍ମାବରଣ ହୋଇ ହୋମ କରିବେ । ଚନ୍ଦନଲାଗି ପରେ ଖଟଶେଯ ଘରୁ ଖଟଶେଯ ବାହାର ହୋଇ ଚନ୍ଦନ ଅର୍ଗଳିଠାରେ ରହିଥିବ । ପରେ ପ୍ରଥମ ବଡ଼ସିଂହାର ବେଶ ହୋଇ ଭୋଗ ସରିବା ପରେ ଖଟଶେଯ ଘର ଧୋ-ପଖାଳ ହୋଇ ଦେଉଳ ପୁରୋହିତ ଉକ୍ତ ଘରେ ମୁରୁଜରେ ତିନୋଟି ମଣ୍ଡଳ କରିବେ ଓ ପୂର୍ଣ୍ଣକୁମ୍ଭ ରଖିବେ । ପର୍ବଯାତ୍ରା-ଯୋଗାଣିଆ ଭଣ୍ଡାର ମେକାପକୁ ଦେଇଥିବା ତିନୋଟି ଝୁଙ୍ଗୁଡ଼ିରେ ପାଟରା ଦେଇଥିବା ପବିତ୍ରା ୧ ମୂର୍ତ୍ତି ଓ କୁର୍ବନ୍ତିମାଳ ୩ ମୂର୍ତ୍ତି, ପତନି ଚେମେଡ଼ି ଘୋଡ଼ାଇ ଭଣ୍ଡାର ମେକାପ ଉକ୍ତ ମଣ୍ଡଳ ଉପରେ ରଖିବ । ଦେଉଳ ପୁରୋହିତ ପିଢ଼ାରେ ବସି ଘଣ୍ଟି, ଶଙ୍ଖ, ଫୁଲ, ତୁଳସୀ, ଝରୀ ଥାଇ ବରୁଣପୂଜା କରି ଉକ୍ତ ପବିତ୍ରାମାନଙ୍କୁ ତିନି ବାଡ଼ର ମନ୍ତ୍ର ଉଚ୍ଚାରଣ ସହ ଅଧିବାସ କରାଇବେ । ଏ ଉତ୍ତାରୁ ତଢ଼ାଉ ମଦନମୋହନ ମୁଦ ମୁଦିରେ ଖଟଶେଯ ଘର ଦୁଆର ବନ୍ଦ କରି ମୁଦ ଦେବେ । ଏ ଉତ୍ତାରେ ମଇଲମ ହୋଇ ମହାସ୍ନାନ ବଢ଼ିବ ଓ ପାଳିଆ ପଶୁପାଳକ ନୂଆଲୁଗା ଲାଗି କରାଇବେ । ପଣ୍ଡା, ପତି, ମୁଦିରସ୍ତ ଘଟୁଆରି ଘର ଠାରୁ ତିନୋଟି ରୂପା ପିଙ୍ଗଣରେ ଘଣ୍ଟ, ଛତା, କାହାଳି ସହ ସର୍ବାଙ୍ଗ ବିଜେ କରାଇ ଆଣି ଶ୍ରୀଅଙ୍ଗରେ ଲାଗି କରାଇବେ । ଏ ଉତ୍ତାରୁ ବଲ୍ଲଭ ବଡ଼ସିଂହାର ବେଶ ହୋଇବେ । ଏ ବେଶରେ ତଢ଼ାଉ ୬ମୂର୍ତ୍ତି ଲାଗି ହୋଇବେ । ଭିତରେ ପାଣି ପଡ଼ିଲା ଉତ୍ତାରୁ ରୋଷରୁ ଘଣ୍ଟ, ଛତା, କାହାଳି ବାଜି ବଲ୍ଲଭ ବଡ଼ସିଂହାର ଭୋଗ ତଳିଛ ପ୍ରଧାନି ପଟୁଆରରେ ଛାମୁକୁ ଆସିବ । ଏ ଭୋଗରେ ତିନିଜଣ ପୂଜାପଣ୍ଡା, କୁତ କୌତୁକ ସୂତ୍ର ପ୍ରସାଦ ଲାଗି କରିବେ (ପାଟରା ଦେବ) । ଷୋଡ଼ଶ ଉପଚାରରେ ମଣୋହି କରାଇବେ । ଟେରା ଫିଟିଲା ପରେ ଖାଲି କର୍ପୂର ଆଳତି ହୋଇ ପାର୍ଶ୍ୱପରିବର୍ତ୍ତନ ନିମନ୍ତେ ଖଟଶେଯ ଘର ଉପରେ ନିଶୁଣି ପକାଇ ତହି ଉପରକୁ ମୁଦିରସ୍ତେ, ବେହେରା ଖୁଣ୍ଟିଆ, ଗରାବଡୁ, ପାଳିଆ ମେକାପ, ଅଖଣ୍ଡ ମେକାପ ଓ ତଢ଼ଉ ଯାଇ ଦୁଆର ମୁଦ ଭାଙ୍ଗି ଶୟନ ହୋଇଥିବା ପେଢ଼ାକୁ ମୁଦିରସ୍ତେ ଖୋଲିବେ । ଗରାବଡୁ ଠାରୁ ହାତୁଆଣି ନେଇ ରୂପା ପିଙ୍ଗଣରେ ବେହେରା-ଖୁଣ୍ଟିଆ ଦେଇଥିବା ଶୁକ୍ଳ ଫୁଲ ତିନି ଥର ଆଞ୍ଜୁଳି ଦେଲାପରେ ଶୟନ ଠାକୁର କଡ଼ ଲେଉଟାଇବେ । ଏ ଉତ୍ତାରେ ମୁଦିରସ୍ତେ ବନ୍ଦାପନା କରିବେ । ପେଢ଼ା ବନ୍ଦକରି ଦୁଆରମାନ ମୁଦଦେଇ ତଳକୁ ଓହ୍ଲାଇ ଆସିବେ । ଏ ଉତ୍ତାରୁ ବଲ୍ଲଭ ବଡ଼ସିଂହାର ବେଶରେ ଲାଗି ହୋଇଥିବା ତଢ଼ାଉ ୬ମୂର୍ତ୍ତି ପଶୁପାଳକ ମଇଲମ କରାଇ ପଇଡ଼, ବିଡ଼ିଆଘଷା ମଣୋହି କରାଇ ଖଟଶେଯ ବିଜେ କରାଇ ପହୁଡ଼ କରାଇବେ । ଏଦିନ ଅଦିବାସ ନିମନ୍ତେ ପୁଷ୍ପାଞ୍ଜଳି ଠାକୁର ବିଜେ ହେବନାହିଁ । ଏଦିନ ଶମ୍ଭୁ ଏକାଦଶୀ ବେଢ଼ା ପଡ଼ିଲେ ମଦନମୋହନ ଲୋକନାଥଙ୍କଠାକୁ ବିଜେ ହେବେ ନାହିଁ । ଏକାଦଶୀ ବେଢ଼ା ଶେଷ କରି ଲୋକନାଥଙ୍କ ସହ ଜୟବିଜୟ ଦ୍ୱାରା ଠାରେ ଏକତ୍ର ଭୋଗ ବନ୍ଦାପନା ହେବେ ।

### (୧୯) ଭାଦ୍ରବ ଶୁକ୍ଳ ଦ୍ୱାଦଶୀ

(ଶ୍ରୀ ବାମନଜନ୍ମ, ସୁନିଆଁ, ଗରୁଡ଼ ପାର୍ଶ୍ୱପରିବର୍ତ୍ତନ ଓ ଇନ୍ଦ୍ରଧ୍ୱଜ ପୂଜା)

ସକାଳ ଧୂପ ବଢ଼ିବା ପରେ, ମହାସ୍ନାନ ସର୍ବାଙ୍ଗ ପରେ ଗତଦିନ ଅଧିବାସ ହୋଇଥିବା ପବିତ୍ରା ଲାଗି ହୁଅନ୍ତି ପବିତ୍ରା ଝୁଙ୍ଗୁଡ଼ିକୁ ପଣ୍ଡା, ପତି, ମୁଦିରସ୍ତ ଓ ତିନି ଜଣ ପାଳିଆ ପଶୁପାଳକ ଘଣ୍ଟ, ଛତା, କାହାଳୀ ଥାଇ ତଳୁଛ ପଟୁଆର ହୋଇ ଜୟ-ବିଜୟ ଦ୍ୱାର ଦେଇ ବଡ଼ଦେଉଳକୁ ତିନି ଘେରା ବୁଲି ଭିତର ସିଂହାସନ ଠାକୁ ବିଜେ କରାନ୍ତି । ପବିତ୍ରା ଓ ଛଅମୂର୍ତ୍ତି ତଢ଼ାଉ ଲାଗି ହୁଅନ୍ତି । କର୍ପୂର ଲାଗି ହୋଇ ବେଶ ବଢ଼େ । ଏ ଉତ୍ତାରୁ ପାଣି ପଡ଼ି ମଧ୍ୟାହ୍ନ ଧୂପ ଉଠିଲେ ଜୟ-ବିଜୟ ଦ୍ୱାର ବନ୍ଦ ହୋଇ ଭିତର ଚନ୍ଦନଅର୍ଗଳି ଠାରେ ସୁଦୁସୁଆର ପାଣି ପକାଇ ପୋଛମାରିବା ପରେ ପଣ୍ଡା ପାଞ୍ଚବର୍ଣ୍ଣ ମୁରୁଜରେ ମଣ୍ଡଳ ଗୋଟିଏ ଲେଖିବେ । ତିନିବାଡ଼ ବନ୍ଦାପନା ପଡ଼ିବା ଉତ୍ତାରେ ପଣ୍ଡା ପିଢ଼ାରେ ବସି କଳସ ବରୁଣପୂଜା କରିବେ । ଏ ଉତ୍ତାରେ ପତି ଓ ମୁଦିରସ୍ତ ଥାଇ ବ୍ରହ୍ମାଆଚାର୍ଯ୍ୟ ବରଣ ହୋଇ ଦକ୍ଷିଣି ଘର ଭୋଗ ସାରିବା ପରେ ମହାଜେନ କୃଷ୍ଣଙ୍କୁ ହାତରେ ବିଜେ କରାଇ ନେଇ ଭିତର ସିଂହାସନକୁ ବିଜେ କରାଇବେ । ମୁଦିରସ୍ତ ଶ୍ରୀଅଙ୍ଗରେ ଧଣ୍ଡିପ୍ରସାଦ ଲାଗି କଲା ଉତ୍ତାରେ ମହାଜନେ ବିଜେ କରାଇ ଆଣି ସର୍ବତ୍ର ଭଦ୍ରମଣ୍ଡଳ ଉପରେ ବିଜେ କରାଇବେ । ଏଠାରେ ବଣିଆଁ ଦେଇଥିବା ସୁବର୍ଣ୍ଣ ବାମନ ପ୍ରତିମା ବିଜେ କରିଥିବେ । ଏହାଙ୍କୁ ପଞ୍ଚାମୃତ ମହାସ୍ନାନ କରି ଶୀତଳଭୋଗ କରି ଗର୍ଭଉଦକ ନିମନ୍ତେ ପଞ୍ଚୋପଚାରରେ ପୂଜା ହେବ । ପରେ ଖଣ୍ଡୁଆ ଘୋଡ଼ାଇ ପୋଥି ପାଠ ପ୍ରମାଣେ ଜନ୍ମବିଧି ହୁଏ । ଏ ଉତ୍ତାରେ ପାଳିଆ-ମହାସୁଆର କ୍ଷୀର, ଲହୁଣି, କୋରା ମଣୋହି କରିବାକୁ ପଣ୍ଡାଙ୍କୁ ଦେବେ । ମୁଦିରସ୍ତେ ପ୍ରସାଦ ଲାଗି କରିବେ । ପରେ ମହାଜନ ଠାକୁରଙ୍କୁ ବିଜେ କରାଇ ଜୟ-ବିଜୟ ଦ୍ୱାର ତଳେ ଠିଆ ହୋଇବେ । ଏଠାରେ ମାର୍କଣ୍ଡେଶ୍ୱର ସାହିର ଲୋକେ ବାମନ ମୂର୍ତ୍ତି ପଟି ଆଣିଥିବେ । ବଟଦ୍ୱାର ଦେଇ ସୋମନାଥ ମଣ୍ଡପ ଖଟ ଉପରେ (ମାଜଣା ମଣ୍ଡପ) ବିଜେ ହୋଇବେ । ଭଣ୍ଡାରରୁ ରୂପାବଟାରେ ଶ୍ରୀ ଦୁର୍ଗାଦେବୀଙ୍କୁ ପତିମହାପାତ୍ରେ ହାତରେ ବିଜେ କରାଇ ଆଣି ପଣ୍ଡା ଆଜ୍ଞାମାଳ ଦେବା ପରେ ଉକ୍ତ ମଣ୍ଡପ ଖଟ ଉପରେ ବିଜେ କରାଇବେ । ଏଠାର ପଣ୍ଡା ବସୁଧାରା କରିବେ ଓ ଯଜ୍ଞପବିତ୍ରା ଦେବେ । ପାଣି ପଡ଼ି ଶୀତଳଭୋଗ ପନ୍ତି ବଢ଼ା ହୋଇବ । ପରେ ଦୁଧ ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କଲା ଉତ୍ତାରେ ପଣ୍ଡା ପଞ୍ଚୋପଚାରରେ ଭୋଗ କରିବେ । ବନ୍ଦାପନା ହେବ । ପ୍ରସାଦ ଉଲାଗି ହୋଇ କୃଷ୍ଣ (ବାମନ) ଦକ୍ଷିଣିଘରକୁ ଓ ଶ୍ରୀ ଦୁର୍ଗା ଭଣ୍ଡାରଘରକୁ ବିଜେ ହୁଅନ୍ତି ।



ସନ୍ଧ୍ୟାଧୂପ ସରିବା ପରେ ସ୍ନାନବେଦୀ ପାଖ ଚାହାଣୀ ମଣ୍ଡପ ଠାରେ ବଡ଼ଛତା ମଠ କୋଣରେ କୋଠ ସୁଆଁସିଆ ଗୋଟିଏ କାଠ ଗୟଳରେ ସପ୍ତମେଘ ବାଉଁଶରେ ତୟାର କରି ପୋତିଥିବ । ସନ୍ଧ୍ୟାଧୂପ ବଢ଼ିବା ପରେ ପିଢ଼ା, ଘଣ୍ଟି, ଶଙ୍ଖ, ଝରି ବାଡ଼େ ଯାଇ ଗରାବଡୁ କିମ୍ବା ପତ୍ରିବଡୁ ସଙ୍ଗରେ ଜଣେ ପଣ୍ଡା ଯାଇ ସେଠାରେ ପୂଜା ଠା କରିବେ । ଆସ୍ଥାନ ପଡ଼ିଆରି ରୋଷକୁ ଇନ୍ଦ୍ରଧ୍ୱଜ ପୂଜା ସକାଶେ ଭୋଗ ଡାକିଯିବ । ରୋଷରୁ ମହାସୁଆର କିମ୍ବା ରୋଷପାଇକ ଦୁଇ ଓଳି ଅନ୍ନ ଆଣି ଏଠାରେ ପନ୍ତି ହୋଇବ । ପଣ୍ଡା ଏ ଭୋଗ ପଞ୍ଚୋପଚାରରେ ଭୋଗ କରିବେ (ବର୍ଷକରେ ଏହିଦିନ କେବଳ ଶଙ୍ଖୁଡ଼ି ବାହାରକୁ ଯାଏ) । ବନ୍ଦାପନା ହେବେ । ପୂର୍ଣ୍ଣମୀ ପର୍ଯ୍ୟନ୍ତ ସପ୍ତମେଘ ବନ୍ଧା ହୋଇ ରହିବ । ●

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଇନ୍ଦ୍ରହାତୀ'ଙ୍କ ଭୂମିକା କ'ଣ ?

ଉ - ଶ୍ରୀମନ୍ଦିରରେ ଭାଦ୍ରବମାସ ପୂର୍ଣ୍ଣିମା ଦିନ ଇନ୍ଦ୍ରଗୋବିନ୍ଦ ପୂଜାରେ ବାସେଳି ସାହିରୁ ବାହାରୁଥିବା ହାତୀ ।

୨. ପ୍ର - ଶ୍ରୀମନ୍ଦିର ପର୍ବ-ପର୍ବାଣୀରେ 'ଇନ୍ଦୁପୂର୍ଣ୍ଣିମା'ର ଗୁରୁତ୍ୱ କ'ଣ ?

ଉ - ଭାଦ୍ର ପୂର୍ଣ୍ଣିମା ଦିନର ଚାରି ଦିନ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିରରେ ସପ୍ତମେଘ ବନ୍ଦାପନାର ଇନ୍ଦ୍ରଧ୍ୱଜ ପୂଜା ଅନୁଷ୍ଠିତ ହୁଏ । ସପ୍ତମେଘକୁ ମେଘନାଦ ପ୍ରାଚୀରରେ ସଂସ୍ଥାପନ କରି ଦ୍ୱାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପୂଜାର୍ଚ୍ଚନା କରାଯାଏ । ଏହି ପୂଜା ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ରୂପେ ପରିଚିତ ।

୩. ପ୍ର - ଶ୍ରୀମନ୍ଦିରରେ 'ଇଷ୍ଟ ଦେବ' କହିଲେ କ'ଣ ବୁଝାଯାଏ ?

ଉ - ଓଡ଼ିଶାବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଇଷ୍ଟ ଓ ରାଷ୍ଟ୍ର ଦେବତା ।

● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

# ୧୯୧୨ ମସିହା ପୁରୀ ରଥଯାତ୍ରା

(ଭାଗ-୪୭-ସଂଖ୍ୟା ୨୮ - ତା. ୧୨ ରିଖ, ଜୁଲାଇ)

ଗତ ତା୪ରିଖ ଶୁକ୍ରବାର ସକାଳଧୂପ ପରେ ରଥମାନଙ୍କୁ ଆଜ୍ଞାମାଳ ଆସିବାରୁ ଅପରାହ୍ନ ଘ୩ୟଣ୍ଟା ଠାରେ ରଥଟଣା ଆରମ୍ଭ ହେଲା ଏବଂ ଘ୪ୟଣ୍ଟା ସମୟେ ତିନି ରଥ ସିଂହଦ୍ୱାରରେ ଲାଗିଲେ । ପୂର୍ବରୁ ରଥର କାର୍ଯ୍ୟ ଶେଷ ହୋଇଥିଲା । ତା୫ରିଖ ଶନିବାର ଶ୍ରୀଗୁଣ୍ଡିଚ୍ଚା ଦିନ ଘ୯ୟଣ୍ଟା ମଧ୍ୟରେ ରଥ ପ୍ରତିଷ୍ଠା ଓ ଖେଚୁଡ଼ୀ ଭୋଗ ଶେଷେ ଘ୯ଣ୍ଟା ଠାରେ ଶ୍ରୀଜିଉଙ୍କର ପହଣ୍ଡି ବିଜୟ ଆରମ୍ଭ ହେଲା ଏବଂ ଘ୧୧ଣ୍ଟା ମଧ୍ୟରେ ଠାକୁରମାନେ ରଥାରୋହଣ କରନ୍ତେ ତତ୍‌କ୍ଷଣାତ୍ ଚ୍ଛର ଫିଟି ତିନି ରଥରେ ଦଉଡ଼ି ଲାଗିଲା । ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ପୁଲୀଶ ସାହେବ ଉପସ୍ଥିତ ଥାଇ ମଧ୍ୟାହ୍ନ ଘ୧୧ୟଣ୍ଟା ସମୟେ ତିନି ରଥ ଏକ ସଙ୍ଗେ ଟଣା ହେଲା । ଆଗପଛ ହୋଇ ତିନି ରଥ ଚଳିବା ଦୃଶ୍ୟ ଅତି ମନୋହର ହୋଇଥିଲା ।

ଏ ଦିନ ସକାଳେ ଆକାଶ ମେଘାଚ୍ଛନ୍ନ ଥିଲା, କିନ୍ତୁ ରଥଟଣା ସମୟେ ପ୍ରଖର ସୂର୍ଯ୍ୟତାପକୁ ଉପେକ୍ଷା କରି ନିବିଷ୍ଟ ଚିତ୍ତ ଓ ଭକ୍ତି ଗଦ୍‌ଗଦ କଣ୍ଠରେ



ହରି ନାମୋଚ୍ଚାରଣ ସଙ୍ଗେ ଜୟ ଧ୍ୱନି କରି ଯାତ୍ରିମାନେ ରଥ ଦଉଡ଼ି ଟାଣି ଥିଲେ । ସନ୍ଧ୍ୟା ପୂର୍ବେ ତିନିରଥ ନିରାପଦରେ ଗୁଣ୍ଡିଚ୍ଚା ମନ୍ଦିର ନିକଟରେ ଲାଗିଲେ । ରଥଟଣା ସମୟେ ଏବର୍ଷ କୌଣସି ରଥ ଇତସ୍ତତଃ ଚ୍ଛଳିତ ହୋଇ ନଥିଲା କିମ୍ବା ନାଳ, ସଡ଼କ ବା ପୋଲ ଭାଙ୍ଗି ନଥିଲା । ରଥତ୍ରୟ ସରଳ ଭାବରେ ଗତି କରି ଯଥା ସମୟ ଓ ସ୍ଥାନରେ ପହଞ୍ଚି ଥିଲେ । ଏହା ଯେପରି ନିର୍ବିଘ୍ନ ଓ ଅତ୍ୟଳ୍ପ ସମୟ ମଧ୍ୟରେ ସାଧିତ ହୋଇଥିଲା ସେଥିଲାଗି ବର୍ତ୍ତମାନ ମନ୍ଦିର ମାନେଜର ରାୟ ସାହେବ ମହୋଦୟଙ୍କୁ ଆମ୍ଭେମାନେ ସାଦର ଅଭିବାଦନ କରୁଅଛୁଁ । ରାୟ ସାହେବ ମହାଶୟ ଧୀର ଚିତ୍ତ ଓ ପ୍ରଗାଢ଼ ଭକ୍ତି ସହକାରେ ଶ୍ରୀଜଗନ୍ନାଥ ଦେବଙ୍କର ନୀତି ମାନ ଯେପରି ସୁଚ୍ଚାରୁ ରୂପେ ଚଳାଉଅଛନ୍ତି ସେଥିଲାଗି ପୁରୀର ସର୍ବସାଧାରଣ ତାହାଙ୍କ ଠାରେ ଚିର କୃତଜ୍ଞ । ମନ୍ଦିରର କାର୍ଯ୍ୟଭାର ଗ୍ରହଣ କରିବା ଦିନ ଠାରୁ ଦୈନିକ ନୀତିମାନ ଯଥାବିଧି ଓ ନୀରୂପିତ ସମୟରେ ସମ୍ପନ୍ନ ହୋଇଥିବା ବଡ଼ ସୁଖର ବିଷୟ ।

ତା୬ରିଖ ରବିବାର ଅପରାହ୍ଣ ଘ୬ଣ୍ଟା ସମୟେ ଠାକୁରମାନେ ରଥରୁ ଅବତରଣ କରି ରାତ୍ରପ୍ରାୟ ଘ୧୦ଣ୍ଟା ସମୟେ ଗୁଣ୍ଡିଚ୍ଚା ମନ୍ଦିର ସିଂହାସନାଧିରୂଢ଼ ହେଲେ, ଏ ରାତ୍ରରେ କେବଳ ଠାକୁରଙ୍କର ବଡ଼ ସିଂହାରରେ ସଙ୍ଖୁଡ଼ି ଭୋଗ ହୋଇଥିଲା । ପରଦିନ ସୋମବାର ଠାରୁ ଯଥାରୀତି ଗୁଣ୍ଡିଚ୍ଚା ମନ୍ଦିରରେ ଅନ୍ନଭୋଗ ହେଉଅଛି ।

ଶ୍ରୀଗୁଣ୍ଡିଚ୍ଚା ଦିନ ପ୍ରାୟ ହ୫୦ଜାର ଯାତ୍ରୀ ହୋଇଥିଲେ ଏହାଛଡ଼ା ହ୧୦/୧୨ଜାର ପଞ୍ଚକ୍ରୋଶୀ ଓ ଦେଶୀୟ ଲୋକ ସମବେତ ହୋଇଥିଲେ । ପଶ୍ଚିମା ବା ଅନ୍ୟଦେଶୀୟ ଯାତ୍ରୀ ବିରଳ ଥିଲେ, କେବଳ ବଙ୍ଗଦେଶୀୟ ଯାତ୍ରି ସଂଖ୍ୟା ଅତିରିକ୍ତ ଥିଲା ।

ଶେଷକୁ ଅନେକ ପାର୍ଶ୍ୱ ଘର ଖାଲି ରହିଥିବାରୁ ଘରଭଡ଼ା ଊଣା ହୋଇପଡ଼ିଥିଲା । ଜଣପ୍ରତି ଏକଟଙ୍କା ବା ତନ୍ନ୍ୟୂନ ଭଡ଼ାରେ ଲୋକେ ଯାତ୍ରୀ ରଖିବାକୁ ବାଧ ହୋଇଥିଲେ । ପ୍ରତ୍ୟେକ ଯାତ୍ରୀ ପ୍ରତି ଦାଖଲ ହୋଇଥିବା ସରକାରୀ ଫିସ୍ ଏକ ଟଙ୍କା ସୁଦ୍ଧା ଅନେକ ଆଦାୟ ନ ପାଇ କ୍ଷତିଗ୍ରସ୍ତ ହୋଇଥିଲେ ।

ବଙ୍ଗୀୟ ପଞ୍ଜିକାରେ ରବିବାର ଶ୍ରୀଗୁଣ୍ଡିଚ୍ଚା ଉଲ୍ଲେଖ ଥିବାରୁ କେବଳ ବଙ୍ଗାଳି ଯାତ୍ରୀ ଯଥା ସମୟରେ ଉପସ୍ଥିତ ହୋଇପାରି ନଥିଲେ ।

ଯାତ୍ରା ସକାଶେ ସ୍ଥାନୀୟ ପୁଲୀଶ ଛଡ଼ା କଟକ, ବାଲେଶ୍ୱର, ଅନୁଗୁଳ ଏବଂ ମାନଭୂମି ଜିଲ୍ଲାରୁ ଅନେକ ପୁଲୀଶ ଶାନ୍ତି ରକ୍ଷାର୍ଥେ ଆସିଥିଲେ, ତାହାଛଡ଼ା କେତେକ ଠିକା କନେଷ୍ଟବଳ ନିଯୁକ୍ତି ହୋଇଥିଲେ ।

ଜନତା ବୃଦ୍ଧି ସଙ୍ଗେ ୨ ଓଲାଉଠା ଆରମ୍ଭ ହେବାରୁ ଉକ୍ତ ରୋଗାକ୍ରାନ୍ତ ଯାତ୍ରିମାନେ କଲେରା ହାସପିଟାଲକୁ ନୀତ ହୋଇଥିଲେ । ଅନେକ ରୋଗୀ ଏପର୍ଯ୍ୟନ୍ତ ଚିକିତ୍ସାଧୀନ ଅଛନ୍ତି ଏବଂ କେତେକ ମାରା ପଡ଼ି ଅଛନ୍ତି । ଯାତ୍ରୀ ବାହାରି ଯିବାରୁ ରୋଗ ଟିକିଏ ଊଣା ପଡ଼ିଅଛି । ମିଉନିସିପାଲଟିରୁ ଦୁଇବେଳା ଦାଣ୍ଡ ପାଇଖାନା, ନର୍ଦ୍ଦମା ପ୍ରଭୃତି ପରିଷ୍କୃତ ରଖାଯିବାର ଯଥାବିହିତ ବ୍ୟବସ୍ଥା କରାଯାଇଥିଲା ।

# ରଘୁ ଅରକ୍ଷିତ ଓ ରାଘବ ଦାସ ମଠ

ସପ୍ତଦଶ ଶତାବ୍ଦୀର ଶ୍ରୀଜଗନ୍ନାଥଙ୍କ ଅନ୍ୟତମ ଶ୍ରେଷ୍ଠଭକ୍ତ ରଘୁ ଅରକ୍ଷିତଙ୍କ ମୂଳ ବାସସ୍ଥାନ ତତ୍‌କାଳୀନ ବଙ୍ଗଳାର ହରିହର ଗ୍ରାମ । ପିତା କୃଷ୍ଣ ମହାପାତ୍ର ଜଣେ ଜମିଦାର ଥିଲେ । ରଘୁ ଯୁବକ ହେବା ପରେ ତାଙ୍କର ବିବାହ କଳାବତୀପୁରର ଗଙ୍ଗାଧରଙ୍କ କନ୍ୟା ଅନ୍ନପୂର୍ଣ୍ଣା ସହ ବିବାହ କରି ଦେଇଥିଲେ । ତେବେ କୌଣସି କାରଣରୁ ରଘୁ ସର୍ବହରା ହୋଇଯିବାରୁ ଶ୍ରୀକ୍ଷେତ୍ର ଚ୍ଛଲି ଆସି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦତଳେ ନିଜକୁ ଅରକ୍ଷିତ କହି ସମର୍ପି ଦେବାରୁ ତାଙ୍କ ନାମ ରଘୁ ଅରକ୍ଷିତ ହୋଇ ଯାଇଥିଲା । ଶ୍ରୀଜଗନ୍ନାଥଙ୍କ ପାଦତଳେ ନିଜକୁ ଛାଡ଼ି ଦେବାପରେ ସେ ଗୃହ ସଂସାର କଥା ସବୁ ଭୁଲି ଯାଇଥିଲେ । ଏହି ସମୟରେ ଶଶୁର ଗଙ୍ଗାଧର ଖବର ପାଇଲେ ଯେ, ରଘୁ ଅରିକ୍ଷିତ ହୋଇ ଶ୍ରୀକ୍ଷେତ୍ରରେ ଭିକ ମାଗି ବୁଲୁଛି । ଏଥିରେ କ୍ଷୁବ୍ଧ ହୋଇ ନିଜ ଝିଅର ପୁନର୍ବିବାହ ଅନ୍ୟତ୍ର କରିବାକୁ ସ୍ଥିର କଲେ । ଏ ସମ୍ବାଦ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଠାରୁ ପାଇ ଚିନ୍ତା କଲେ, ଖବର ପାଇବା ଦିନ ଠାରୁ ବିବାହ ତାରିଖ ମାତ୍ର ଦଶ ଦିନ ଅଛି । ଶ୍ରୀକ୍ଷେତ୍ରରୁ ଯିବାକୁ ହେଲେ ମାସାଧିକ ସମୟ ଲାଗିବ । ଏ କଥା ଚ଼ିନ୍ତା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଅଧିଆ ପଡ଼ି ଶୋଇଗଲେ । ଭକ୍ତ ବତ୍ସଳ ପ୍ରଭୁ ଭକ୍ତର ମନକଥା ବୁଝିପାରି ବେତାଳ ପ୍ରେରଣ କରି ରାତିକ ମଧ୍ୟରେ ଶ୍ୱଶୁର ଘର ଠାରେ ପହଞ୍ଚାଇ ଦେଲେ । ରାତି ପାହିଲା ବେଳକୁ ରଘୁ ଅରକ୍ଷିତ ଆଶ୍ଚର୍ଯ୍ୟ ହେବା ସହ ପ୍ରଭୁଙ୍କ ମହିମା କଥା ବୁଝିପାରିଥିଲେ ।

ଶ୍ୱଶୁର ଘର ଲୋକେ ରଘୁକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଏହାପରେ ତାକୁ ମାରିବାକୁ ଚ଼ିନ୍ତା କରି ପିଠାରେ ବିଷ ଦେଇ ଖାଇବାକୁ ଦେଲେ । ମହାନ ଭକ୍ତ ରଘୁ ଶ୍ରୀଜଗନ୍ନାଥଙ୍କ ଠାରେ ପିଠାକୁ ସମର୍ପଣ କରି ପ୍ରସାଦ ଭାବରେ ଗ୍ରହଣ କରିବା କ୍ଷଣି ବିଷଜ୍ୱାଳାରେ ସେହିଠାରେ ପଡ଼ିଗଲେ ଏବଂ ମୃତ୍ୟୁ ଘଟିଲା । ଏହାପରେ ଶ୍ୱଶୁର ଘର ଲୋକେ ତାଙ୍କୁ ଗୋଟିଏ ଘର ଭିତରେ ରଖି ରାତି ହେବାକୁ ଅପେକ୍ଷା କଲେ । ରାତି ହେଲେ ବଣକୁ



ନେଇ ଦାହ କରିଦେବେ । ମାତ୍ର ଅନ୍ତର୍ଯ୍ୟାମୀ ପ୍ରଭୁ ଶ୍ରୀଜଗନ୍ନାଥ ଜାଣିପାରି ରଘୁ ଅରକ୍ଷିତ ପାଖକୁ ଯାଇ କୋଳରେ ଧରି ମୁଣ୍ଡ ଆଉଁସି ଉଠି ବସିବା ପାଇଁ କହିଲେ । ରଘୁ ଅରକ୍ଷିତ ଉଠିବସି ହରିନାମ କୀର୍ତ୍ତନ କରିବାରେ ଲାଗିଲେ । ଶବ୍ଦଶୁଣି ଶ୍ୱଶୁର ଘର ଲୋକେ କବାଟ ଖୋଲି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ଅନୁଭବ କଲେ ଯେ ତାଙ୍କ ଠାରେ ଦୈବୀ ଶକ୍ତି ଅଛି ।

ରଘୁ ଅରକ୍ଷିତ ଶ୍ୱଶୁର ଘର ଲୋକଙ୍କୁ ଶ୍ରୀଜଗନ୍ନାଥ ସଂପର୍କରେ ବୁଝାଇ ସେଠାରୁ ପ୍ରସ୍ଥାନ କରି ଶ୍ରୀକ୍ଷେତ୍ର ଠାରେ ପହଞ୍ଚି ଆଧ୍ୟାତ୍ମିକ ଚିନ୍ତନରେ ମଗ୍ନ ହୋଇ ଗୋଟିଏ ସ୍ଥାନରେ ଧ୍ୟାନମଗ୍ନ ହୋଇ ବସି ରହିଲେ । ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ପାଇ ଗଜପତି ରାଜା ଶ୍ରୀମନ୍ଦିରର ଅଣସର ତାଟିରେ ସେଠାରେ ଏକ ଚ୍ଛଳିଆ ନିର୍ମାଣ କରି, ସେବା ଓ ପ୍ରସାଦର ବ୍ୟବସ୍ଥା କରିଦେଲେ । ଶେଷ ଜୀବନ ପର୍ଯ୍ୟନ୍ତ ରଘୁ ଅରକ୍ଷିତ ସେହି ସ୍ଥାନରେ ଅବସ୍ଥାନ କରିଥିଲେ । ପରବର୍ତ୍ତୀ ସମୟରେ ସେଇ ଅଣସର ତାଟି ଚ୍ଛଳିଘର ରାଘବ ଦାସ ମଠ ନାମରେ ପରିଚିତ ହେଲା । ବର୍ତ୍ତମାନ ସେହି ସ୍ମୃତିକୁ ବହନ କରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଅଣସର ତାଟି ରାଘବଦାସ ମଠରୁ ଆସିଥାଏ ।

*ସୁନୀଲ ରଥ*

● *ଅବସରପ୍ରାପ୍ତ ରିଡର- ଉପର ନୂଆ ସାହି, ପୁରୀ*

# ଫଟୋରେ ସଂବାଦ...



ତା. ୭.୦୯.୧୯ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ପୁରୀ ଜିଲ୍ଲାପାଳଙ୍କ ଗହଣରେ ଭାରତର ଉଚ୍ଚତମ ନ୍ୟାୟାଳୟର ମାନ୍ୟବର ଆମିକ୍ୟୁସ୍ କ୍ୟୁରି ଏବଂ ମାନ୍ୟବର ସଲିସିଟର୍ ଜେନେରାଲଙ୍କ ଶ୍ରୀମନ୍ଦିର ପରିଦର୍ଶନ



ତା. ୭.୦୯.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼ଃ. କ୍ରିଷନ୍ କୁମାର, ଡି.ଆଇ.ଜି. ଶ୍ରୀଯୁକ୍ତ ଆଶିଷ ସିଂହ, ପୁରୀ ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ମାନ୍ୟବର ଆମିକ୍ୟୁସ୍ କ୍ୟୁରି ଏବଂ ମାନ୍ୟବର ସଲିସିଟର୍ ଜେନେରାଲ ଆଲୋଚନାରତ




ତା. ୧୨.୦୯.୧୯ରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱାତ୍ ସପରିବାର ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ବଲୱନ୍ତ ସିଂଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି

# ଫଟୋରେ ଅନ୍ୟାନ୍ୟ...




ତା. ୨୦.୮.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଶ୍ରୀମନ୍ଦିରର ପୂର୍ବତନ ମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ପ୍ରଦୀପ୍ତ ମହାପାତ୍ରଙ୍କୁ ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବକମାନଙ୍କ ଉପସ୍ଥିତିରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି



ତା. ୬.୦୯.୧୯ରେ ଶ୍ରୀନଅର ଠାରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା, ପ୍ରକାଶନ ଓ ପ୍ରସାର ଉପସମିତି' ବୈଠକ




ତା. ୧୦.୦୯.୧୯ରିଖରେ ପୁରୀ ଗୋବର୍ଦ୍ଧନ ପୀଠଠାରେ ଶ୍ରୀମଦ୍ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ମହାରାଜ, ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ପୁରୀଙ୍କ ଉପସ୍ଥିତିରେ 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟମ୍'ର ହିନ୍ଦୀ ଅନୁବାଦ ପୁସ୍ତକ ଉନ୍ମୋଚନ




ତା. ୧୦.୦୯.୧୯ରେ ଶ୍ରୀନଅରରେ ଶ୍ରୀଗଜପତି ମହାରାଜାଙ୍କ ସୁନିଆଁ ଉତ୍ସବ ପାଳନ



ତା. ୧୧.୦୯.୧୯ରେ ଶ୍ରୀମନ୍ଦିର ପ୍ରଶାସନରେ ନୂତନ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କର ଦାୟିତ୍ୱ ଗ୍ରହଣ

# ମହାପ୍ରଭୁ ଇଚ୍ଛା କଲେନି



ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ପରଂବ୍ରହ୍ମ ପରମାତ୍ମା । ସେ ଇଚ୍ଛାମୟ ପୁରୁଷୋତ୍ତମ । ତାଙ୍କ ଆଜ୍ଞାରେ ଚନ୍ଦ୍ରସୂର୍ଯ୍ୟ ଆତଯାତ ହେଉଛନ୍ତି । ପବନ ବହୁଛି । ନଦୀମାନେ ତୀରବାସୀଙ୍କୁ ଜଳଦାନ କରି ଚାଲିଛନ୍ତି । ରତ୍ନାକର ସାଗର କୂଳ ଲଙ୍ଘନ କରୁନାହିଁ । ସେ ଇଚ୍ଛା ନ କଲେ ଦୁବଘାସର ପତ୍ରଟିଏ ମଧ୍ୟ ହଲିପାରିବ ନାହିଁ । ଶ୍ରୀକ୍ଷେତ୍ରର ନୀଳକନ୍ଦରରେ ବସିରହି ସେ ସମଗ୍ର ସୃଷ୍ଟିକୁ ପରିଚାଳନା କରୁଛନ୍ତି । ଭାରତବର୍ଷର ସିଦ୍ଧସାଧକ, ମୁନିଋଷି, ମହାପୁରୁଷ, ଆଚାର୍ଯ୍ୟମାନେ ଏଠାକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରି ତାଙ୍କ ଆଶୀର୍ବାଦ ଗ୍ରହଣ କରିଛନ୍ତି । କେହି କେହି ଆଚାର୍ଯ୍ୟ ସେମାନଙ୍କ ମତବାଦ ଏହିଠାରୁ ପ୍ରଚାର କରିଛନ୍ତି । ଦ୍ୱାଦଶ ଶତାବ୍ଦୀରେ ଦାକ୍ଷିଣାତ୍ୟରୁ ଆଚାର୍ଯ୍ୟ 'ରାମାନୁଜାଚାର୍ଯ୍ୟ' ପୁରୀ ଆସିଥିଲେ । ସେ ହେଉଛନ୍ତି ବିଶିଷ୍ଟାଦ୍ୱୈତବାଦର ସଂସ୍ଥାପକ । ତାଙ୍କ ସଂପ୍ରଦାୟ ହେଉଛି ଶ୍ରୀ ସଂପ୍ରଦାୟ । 'ଶ୍ରୀ' ହେଉଛନ୍ତି ମହାଲକ୍ଷ୍ମୀ । ପୁରୀ ରହଣି କାଳରେ ଉତ୍କଳର ରାଜାଙ୍କୁ ପ୍ରଭାବିତ କରି ବଡ଼ ଦେଉଳ ବେଢ଼ାରେ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା କରି ସ୍ୱତନ୍ତ୍ର ସେବାପୂଜାର ବ୍ୟବସ୍ଥା ଶ୍ରୀରାମାନୁଜାଚାର୍ଯ୍ୟ କରାଇଥିଲେ ବୋଲି ଐତିହାସିକମାନେ କହନ୍ତି । ଶ୍ରୀ ସଂପ୍ରଦାୟର ଭକ୍ତମାନେ ବ୍ରାହ୍ମଣ୍ୟ ଧର୍ମର ପ୍ରଶଂସକ ଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବାପୂଜାରେ ବ୍ରାହ୍ମଣ, ଅବ୍ରାହ୍ମଣମାନଙ୍କର ଯୋଗଦାନକୁ ସେମାନେ ନାପସନ୍ଦ କଲେ । ଆଚାର୍ଯ୍ୟଙ୍କୁ କହି ମହାପ୍ରଭୁଙ୍କ ପୂଜାପାଇଁ କେବଳ ବ୍ରାହ୍ମଣ ସେବାୟତଙ୍କୁ ନିଯୁକ୍ତ କରିବା ପାଇଁ ସେମାନେ ବିଚାର କଲେ । ସେମାନଙ୍କ ପ୍ରସ୍ତାବକୁ ଗ୍ରହଣ କରି ଆଚାର୍ଯ୍ୟ ମହାରାଜାଙ୍କୁ ଏ ସଂପର୍କରେ ପରାମର୍ଶ ଦେଲେ । କେବଳ ବ୍ରାହ୍ମଣ ପୂଜକମାନେ ମହାପ୍ରଭୁଙ୍କର ଉପଯୁକ୍ତ ପୂଜା ଉପାସନା ନିଷ୍ଠା ସହକାରେ କରିପାରିବେ । କାରଣ ସେମାନେ ଯଜ୍ଞୋପବିତ ଧାରଣ କରିଛନ୍ତି । ଗାୟତ୍ରୀ ଉପାସନା କରନ୍ତି । ଅବ୍ରାହ୍ମଣମାନେ ଏଥିରୁ ବଞ୍ଚିତ । ତେଣୁ ସେମାନଙ୍କ ଦ୍ୱାରା ପ୍ରଦତ୍ତ ପୂଜାଦ୍ରବ୍ୟ ମହାପ୍ରଭୁ ଗ୍ରହଣ କରିବେ କିପରି ? ଆଚାର୍ଯ୍ୟଙ୍କୁ ଦେବପୁରୁଷ ରୂପେ ମାନ୍ୟତା ପ୍ରଦାନ କରୁଥିବା ମହାରାଜା ଆଦେଶ ଦେଲେ ଆସନ୍ତା କାଲି ଠାରୁ ଆଚାର୍ଯ୍ୟଙ୍କ ପରାମର୍ଶ କାର୍ଯ୍ୟକାରୀ ହେବ । ଏହି ପ୍ରକ୍ରିୟାକୁ ସ୍ୱୟଂ ଆଚାର୍ଯ୍ୟ ଉଦ୍‌ଘାଟନ କରିବେ । ମହାରାଜାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ମହାମନ୍ତ୍ରୀ ଲାଗିପଡ଼ିଲେ । ସେବକମାନଙ୍କୁ ଖବର ଦିଆଗଲା । ଆଚାର୍ଯ୍ୟଙ୍କୁ ଯଥାବିଧି ରାଜ ଉପଚାରରେ ନିମନ୍ତ୍ରଣ କରାଗଲା । ସବୁ ପ୍ରସ୍ତୁତ, ପରଦିନ ସକାଳର ସୁନେଲି ସୂର୍ଯ୍ୟକିରଣ ଅରୁଣସ୍ତମ୍ଭ ଉପରେ ପଡ଼ିବା ପୂର୍ବରୁ ମହାପ୍ରଭୁଙ୍କର ଦ୍ୱାରଫିଟା ଏବଂ ମଙ୍ଗଳ ଆଳତି ନୀତି ହେବ । ସମସ୍ତେ ଅପଲକ ନେତ୍ରରେ ଅପେକ୍ଷା କରିଛନ୍ତି ଆଚାର୍ଯ୍ୟଙ୍କୁ । ମାତ୍ର ଆଚାର୍ଯ୍ୟଙ୍କର ଆଗମନରେ ବିଳମ୍ବ କାହିଁକି ? ରାଜକର୍ମଚାରୀ ଯାଇ ବୁଝିଲେ ଗତକାଲି ରାତିରେ ଆଚାର୍ଯ୍ୟ ବିଶ୍ରାମ କରିଥିବା ବିଛଣା ଖାଲି ପଡ଼ିଛି । ଆଚାର୍ଯ୍ୟଙ୍କର ଦେଖାନାହିଁ । କୁଆଡ଼େ ଗଲେ ତାଙ୍କ ଅନୁଗତମାନେ କହିପାରୁ ନାହାଁନ୍ତି । ମହାପ୍ରଭୁଙ୍କ ନୀତି ତ ବିଳମ୍ବ ହେବ ନାହିଁ । ମହାରାଜାଙ୍କ ଆଦେଶରେ ଯଥାପୂର୍ବ ରୀତି ଅନୁଯାୟୀ ନୀତି ଚାଲିଲା । ବ୍ରାହ୍ମଣ ଅବ୍ରାହ୍ମଣ ସେବକମାନେ ମହାପ୍ରଭୁଙ୍କ ସେବାପୂଜା ନୀତିରେ ଅଂଶ ଗ୍ରହଣ କଲେ । କିଛି ଦିନ ପରେ ମହାରାଜାଙ୍କ ନିକଟକୁ ଆଚାର୍ଯ୍ୟଙ୍କ ମୂଳଗାଦି ଶ୍ରୀରଂଗମ୍‌ରୁ ଖବର ଆସିଲା । ଆଚାର୍ଯ୍ୟ ଚିଟାଉ ଲେଖି ଜଣେ ଶିଷ୍ୟ ହାତରେ ପଠାଇଛନ୍ତି । ପୁରୀରେ ମୁଁ ବାସସ୍ଥଳୀରେ ବିଛଣାରେ ଶୋଇଥିବା ଅବସ୍ଥାରେ ମୋ ଅଜାଣତରେ କେହି ଜଣେ ତାଙ୍କ ପିଠିରେ ବସାଇ ମୋତେ ଆଣି ଶ୍ରୀରଙ୍ଗମରେ ଶୟନ ଅବସ୍ଥାରେ ଛାଡ଼ି ଦେଇ ଉଭେଇ ଗଲେ । ମୁଁ ସକାଳୁ ଉଠି ଦେଖେ ତ ଶ୍ରୀରଂଗମ ଗାଦିରେ ଶୋଇଛି । ହୁଏତ ମହାପ୍ରଭୁଙ୍କ ଆଦେଶରେ ତାଙ୍କ ବାହନ ଗରୁଡ଼ ପୁରୀରୁ ମୋତେ ଉଠାଇଆଣି ଶ୍ରୀରଙ୍ଗମ୍‌ରେ ଶୁଆଇ ଦେଇ ଚାଲିଯାଇଛନ୍ତି । ଆପଣଙ୍କ ଆଦେଶରେ ଶ୍ରୀମନ୍ଦିରରେ କେବଳ ବ୍ରାହ୍ମଣମାନେ ପୂଜାଉପାସନା କରିଥାଆନ୍ତେ । ମାତ୍ର ତାହା ହୋଇପାରିଲା ନାହିଁ । ମୁଁ ଭାବୁଛି ଆମ୍ଭମାନଙ୍କର ଏଇ ପ୍ରସ୍ତାବରେ ମହାପ୍ରଭୁ ସନ୍ତୁଷ୍ଟ ନୁହଁନ୍ତି । ଇଚ୍ଛାୟମ ପୁରୁଷୋତ୍ତମ ସମସ୍ତଙ୍କର ମଙ୍ଗଳପାଇଁ ଚିନ୍ତା କଲେ । ମହାପ୍ରଭୁ ଯେତେବେଳେ ଇଚ୍ଛା କଲେନି, ଆପଣଙ୍କ ଆଦେଶ ଏବଂ ଆମ୍ଭମାନଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ହୁଅନ୍ତା କିପରି ?

*ଶଂକର୍ଷଣ ମଂଗରାଜ*

● *(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ଼, ପୁରୀ-୧*

## କନ୍ୟା ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୭.୦୯.୧୯ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ କନ୍ୟା ସଂକ୍ରାନ୍ତି ଓ ବିଶ୍ୱକର୍ମା ପୂଜା |
| ତା. ୨୫.୦୯.୧୯ ରିଖ ବୁଧବାର | ଶ୍ରୀମନ୍ଦିରରେ ଇନ୍ଦିରା ଏକାଦଶୀ |
| ତା. ୨୮.୦୯.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ମହାଳୟା |
| ତା. ୩୦.୦୯.୧୯ ରିଖ ସୋମବାର | ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ବାହାର ବିଜେ |
| ତା. ୦୪.୧୦.୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ମହାସପ୍ତମୀ |
| ତା. ୦୫.୧୦.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ମହାଷ୍ଟମୀ |
| ତା. ୦୬.୧୦.୧୯ ରିଖ ରବିବାର | ଶ୍ରୀମନ୍ଦିରରେ ମହାନବମୀ |
| ତା. ୦୮.୧୦.୧୯ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଦଶହରା ଓ ଆୟୁଧ ପୂଜା |
| ତା. ୦୯.୧୦.୧୯ ରିଖ ବୁଧବାର | ଶ୍ରୀମନ୍ଦିରରେ ରାଧାଦାମୋଦର ବେଶ ଓ ବାଲଧୂପ ଆରମ୍ଭ |
| ତା. ୧୩.୧୦.୧୯ ରିଖ ରବିବାର | ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Ph. : 222145**

ମୂଲ୍ୟ : ଦୁଇଟଙ୍କା ମାତ୍ର